# ରାଜଧାନୀରେ ବଢ଼ୁଛି ଗୋଷ୍ଠୀ ସଂକ୍ରମଣ ଭୟ

**ଭୁବନେଶ୍ୱର,୨୯।୬/ଏନ୍‌ଏନ୍‌ଏସ୍:** ରାଜଧାନୀ ଭୁବନେଶ୍ୱରରେ ଲୋକାଲ କଣ୍ଟାକ୍ଟ ବା ସ୍ଥାନୀୟ ସଂକ୍ରମଣ ମାମଲା ବଢ଼ିବାରେ ଲାଗିଛି। ଦିନକୁ ଦିନ ଚିହ୍ନଟ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରେ ହୋମ୍‌କ୍ୱାରେଣ୍ଟାଇନ୍ ଅପେକ୍ଷା ସ୍ଥାନୀୟ ସଂକ୍ରମଣ ମାମଲା ଯଥେଷ୍ଟ ଅଧିକ ରହୁଛି। ଫଳରେ ଭୁବନେଶ୍ୱରରେ କରୋନା ଗୋଷ୍ଠୀ ସଂକ୍ରମଣ ଆଡ଼କୁ

- **୨୫ରୁ ୨୩ ସ୍ଥାନୀୟ ଆକ୍ରାନ୍ତ**
- **ବସ୍ତିରେ ବିସ୍ତାର କରୁଛି କାୟା**
- **ମୃତ୍ୟୁ ସଂଖ୍ୟା ୪କୁ ବୃଦ୍ଧି**

ମୁହାଁଉଥିବା ଆଶଙ୍କା କରାଯାଉଛି। ଗୋଷ୍ଠୀ ସଂକ୍ରମଣ ନେଇ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଅଶୋକ ମହାପାତ୍ର ମଧ୍ୟ ରବିବାର ଆଭାସ ଦେଇଥିଲେ। ତେବେ ସୋମବାର ଆସିଥିବା ସଂଖ୍ୟା ସେଥିରେ ଖୋରାକ ଯୋଗାଇଛି। କାରଣ ସୋମବାର ଚିହ୍ନଟ ହୋଇଥିବା ୨୫ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୨୩ ଜଣ ସ୍ଥାନୀୟ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ଏତେ ସଂଖ୍ୟାରେ ଆକ୍ରାନ୍ତ ଚିହ୍ନଟ ହେବା ଫଳରେ କଣ୍ଟାକ୍ଟ ଟ୍ରେସିଂ ପାଇଁ ବିଏମ୍‌ସିର ମୁଣ୍ଡବିନ୍ଧା ବଢ଼ିଛି। କାରଣ ଏମାନେ କାହା କାହା ସହ ମିଳାମିଶା କରିଛନ୍ତି ସେମାନଙ୍କୁ ଠାବ କରିବା ବଡ଼ ଆହ୍ୱାନ ହୋଇପଡ଼ିଛି। ସେପଟେ ପ୍ରତିଦିନ ଏମିତି ହୋମ୍ କ୍ୱାରେଣ୍ଟାଇନ୍ ଅପେକ୍ଷା ସ୍ଥାନୀୟ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ଆସୁଥିବାରୁ କେମିତି ଏହାକୁ ରୋକାଯିବ ସେନେଇ ମଧ୍ୟ ଚିନ୍ତା ବଢ଼ୁଛି। ତେବେ ସବୁଠାରୁ ବଡ଼ କଥା ହେଲା ଏବେ କରୋନା ବସ୍ତିରେ ନିଜର କାୟା ବିସ୍ତାର କରିବାରେ ଲାଗିଛି। ଦିନକୁ ଦିନ ନୂଆ ନୂଆ ବସ୍ତି ତାଲିକାରେ ଯୋଡ଼ି ହେଉଛି। ପୂର୍ବରୁ ସାଲିଆ ସାହି, ସୁବାସନଗର ଓ ଲକ୍ଷ୍ମୀବଜାର ଭଳି ବସ୍ତି ଉପରେ ବିଏମ୍‌ସି ତିକ୍ଷ୍ଣ ନଜର ରଖିଥିବା ବେଳେ ଏବେ ଏଥିରେ ଚକେଇସିହାଣିର ହାଡ଼ବାଇ ବସ୍ତି, ବାଲି ତୋଟାସାହି ବସ୍ତି ଯୋଡ଼ି ହୋଇଛି। ସୋମବାର ଚିହ୍ନଟ ହୋଇଥିବା ୨୫ ଆକ୍ରାନ୍ତଙ୍କ ମଧ୍ୟରେ ୭ ଜଣ ଆକ୍ରାନ୍ତ ଏହି ଦୁଇଟି ବସ୍ତିରୁ ସ୍ଥାନୀୟ ସଂକ୍ରମଣ ଭାବେ ଚିହ୍ନଟ ହୋଇଛନ୍ତି।

ସେହିପରି ବାକି ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ମଞ୍ଚେଶ୍ୱରସ୍ଥିତ 'ପ୍ରତିଦିନ' କାର୍ଯ୍ୟାଳୟ ନିକଟ ଅଞ୍ଚଳରୁ ୫ ଜଣ, ସାମନ୍ତରାପୁରରୁ ଦୁଇଜଣ, ଚକେଇସିହାଣି ମଞ୍ଚନାଥ ହାଇସ୍କୁଲ ନିକଟସ୍ଥ ଅଞ୍ଚଳରୁ ୪ଜଣ, ଚକେଇ ସିହାଣି ହାଡ଼ବାଇ ବସ୍ତିରୁ ଦୁଇଜଣ, ପାସ୍‌ପୋର୍ଟ କାର୍ଯ୍ୟାଳୟ ନିକଟସ୍ଥ ବାଲିତୋଟା ସାହି ବସ୍ତିରୁ ୪ଜଣ, ଲକ୍ଷ୍ମୀବଜାର ବସ୍ତିରୁ ଜଣେ, ଏକ ଘରୋଇ ହସ୍ପିଟାଲର ଜଣେ କର୍ମଚାରୀ, ନୀଳାଦ୍ରି ବିହାର ବୁଦ୍ଧପାର୍କ ନିକଟରୁ ଜଣେ, ଜଣେ ସରକାରୀ ହସ୍ପିଟାଲ କର୍ମଚାରୀ ଏବଂ ଅନ୍ୟ ଜଣେ ଏକ ଘରୋଇ ହସ୍ପିଟାଲର କର୍ମଚାରୀ, ଯିଏକି ନୟାପଲ୍ଲୀ ଏମ୍-୩ ପାର୍କ ନିକଟର ବାସିନ୍ଦା ବୋଲି ବିଏମ୍‌ସି ସୂଚନା ଦେଇଛି। ସେହିପରି ହୋମ୍ କ୍ୱାରେଣ୍ଟାଇନ୍‌ରୁ ଚିହ୍ନଟ ହୋଇଥିବା ୨ ଆକ୍ରାନ୍ତଙ୍କ ମଧ୍ୟରେ ଜଣେ କୋଲକାତା ଫେରନ୍ତା ଘରୋଇ ହସ୍ପିଟାଲ କର୍ମଚାରୀ ଏବଂ ଅନ୍ୟ ଜଣେ ଦିଲ୍ଲୀ ଫେରନ୍ତା ରେଳ କର୍ମଚାରୀ ବୋଲି ବିଏମ୍‌ସି କହିଛି। ଏହା ବ୍ୟତୀତ ସୋମବାର ୫ ଜଣ ଘରୋଇ ହସ୍ପିଟାଲ କର୍ମଚାରୀ, ଜଣେ ରେଳ କର୍ମଚାରୀ ଏବଂ ଜଣେ ଭିଏସ୍‌ଏସ୍ ନଗର ବାସିନ୍ଦା କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

ଅନ୍ୟପକ୍ଷରେ ରାଜଧାନୀରେ ଆଉ ଜଣଙ୍କର କରୋନାରେ ମୃତ୍ୟୁ ହୋଇଛି। ୭୩ ବର୍ଷୀୟ ବୃଦ୍ଧ ଜଣଙ୍କ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିଲେ। ତାଙ୍କର କୋଭିଡ ପଜିଟିଭ୍ ଆସିବା ପରେ ତାଙ୍କୁ କୋଭିଡ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଏହି ରୋଗୀଙ୍କ ମୃତ୍ୟୁ ସହ ରାଜଧାନୀରେ କରୋନା ଭୂତାଣୁ ଜନିତ ମୃତ୍ୟୁ ସଂଖ୍ୟା ୪ରେ ପହଞ୍ଚିଛି। ତେବେ ସୋମବାର ୨୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ରାଜଧାନୀର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୧୪କୁ ବୃଦ୍ଧି ପାଇଛି। ସେହିପରି ସୋମବାର ୭ କରୋନା ରୋଗୀ ସୁସ୍ଥ ହୋଇଥିବାରୁ ସୁସ୍ଥଙ୍କ ସଂଖ୍ୟା ୧୭୪ରେ ପହଞ୍ଚିଛି ଏବଂ ୧୩୫ ଜଣ ବିଭିନ୍ନ କୋଭିଡ୍ ହସ୍ପିଟାଲରେ ବର୍ତ୍ତମାନ ଚିକିତ୍ସିତ ହେଉଛନ୍ତି।